# ଧାନ ତଳି ପକାଇବା ଚିନ୍ତାରେ ଚାଷୀ

## ଅନୁକୂଳ ହେଉନି ପାଗ

ତିହିଡ଼ି,୯।୬(ସଞ୍ଜିତ ବଳ)

ଓଡ଼ିଶାକୁ ଛୁଇଁ ସାରିଲାଣି ମୌସୁମୀ। ମୌସୁମୀ ଛୁଇଁବା ଆଗରୁ ଦିନେ ଛାଡ଼ି ଦିନେ ବର୍ଷା ହେବାରେ ଲାଗିଛି। ଫଳରେ ତିହିଡ଼ି ବ୍ଲକର ଚାଷୀମାନେ ବତିରି ଧାନ ତଳି ପକାଇବା ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି। ଚଳିତ ଖରିଫ ଋତୁରେ ବ୍ଲକରେ ୨୦ହଜାର ହେକ୍ଟର ଜମିରେ ଧାନଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେଥିମଧ୍ୟରୁ ପ୍ରାୟ ୫ ହଜାର ହେକ୍ଟର ଜମିରେ ବୁଣା ଧାନ ହେଉଥିବା ବେଳେ ଅବଶିଷ୍ଟ ଜମିରେ ଧାନ ରୁଆ ଯାଇଥାଏ। 'ରୁଆ ଧାନ ଥୁଆ' କଥା ଥିବାରୁ ଅଧିକାଂଶ ଚାଷୀ ଜମିରେ ଧାନ ରୋଇବାକୁ ପସନ୍ଦ କରିଥାନ୍ତି। ଏହି ଧାନ ଚାଷ ପାଇଁ ୪ ହଜାର ହେକ୍ଟର ଜମିରେ ଧାନ ତଳିର ଆବଶ୍ୟକତା ରହିଛି। ମାତ୍ର ଅଦ୍ୟାବଧି କୌଣସି ବି ସ୍ଥାନରେ ଧାନ ବୁଣା ଯାଇନାହିଁ କି ତଳି ପଡ଼ି ପାରିନାହିଁ।

ସାଧାରଣତଃ ଚାଷୀମାନେ ରଜ ସଂକ୍ରାନ୍ତି ପୂର୍ବରୁ ତଳି ପକାଇଥାନ୍ତି। ତା' ପୂର୍ବରୁ ଜମିକୁ ହଳ ପରେ ବେଉଷଣ କରାଯାଇ ତଳି ପାଇଁ ପ୍ରସ୍ତୁତ କରାଯାଇଥାଏ। ଜମି ବେଉଷଣ ହୋଇ ରହିଥିଲେ ମଧ୍ୟ ବତିରି ତଳି ପଡ଼ି ପାରୁନାହିଁ। ଏହାର ମୁଖ୍ୟ କାରଣ ହେଉଛି ବର୍ଷାର ଅନିୟମିତତା। ଚାଷୀମାନେ ମୁଖ୍ୟତଃ ବତିରି ଓ ଆତରା ତଳି ପକାଇଥାନ୍ତି। ଅଧିକାଂଶ ଚାଷୀ ବତିରି ତଳି ପକାଇବାରେ ମନୋନିବେଶ କରିଥାନ୍ତି। କାରଣ ଏହି ତଳିରୁ ହେଉଥିବା ଧାନ ଚାଷରେ ରୋଗ, ପୋକ କମ୍ ହେଉଥିବା ବେଳେ ଉତ୍ପାଦନ ଭଲ ହୋଇଥାଏ। ତେବେ ବତିରି ତଳି ପକାଇ ପାରି ନ ଥିବା ବା କମ୍ ତଳି ପକାଇଥିବା ଚାଷୀମାନେ ବାଧ୍ୟ ହୋଇ ଆତରା ତଳି ପକାଇଥାନ୍ତି। ଅଧିକ ବର୍ଷା ହେଲେ ଏହି ତଳି ନଷ୍ଟ ହୋଇଯିବାର ଆଶଙ୍କା ଥାଏ। ସେଥିପାଇଁ ଚାଷୀଙ୍କୁ ବାରମ୍ବାର ତଳି ପକାଇ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଏପରି ସ୍ଥଳେ ଚାଷୀମାନେ ବତିରି ତଳି ପକାଇବାକୁ ଅପେକ୍ଷା କରିଥିଲେ ମଧ୍ୟ ପାଗ ଅନୁକୂଳ ହେଉ ନ ଥିବାରୁ ଏହା ସମ୍ଭବ ହୋଇପାରି ନ ଥିବା ଜଣାପଡ଼ିଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ନୈରାଶ ଭାବ ପ୍ରକାଶ ପାଇଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ରଘୁନାଥ ପତି କହିଛନ୍ତି, ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ବର୍ଷା ନ ହେଲେ ଚାଷୀମାନେ ବତିରି ଧାନ ତଳି ପକାଇବାକୁ ସକ୍ଷମ ହୋଇପାରିବେ। ଅନ୍ୟଥା ଆତରା ତଳି ପାଇଁ ସେମାନଙ୍କୁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ।



ବତିରି ଧାନ ତଳି ପାଇଁ ପ୍ରସ୍ତୁତ ହୋଇଥିବା ଜମି।

# 'ସାଲିସବିହୀନ, ବିଚକ୍ଷଣା ଥିଲେ ନନ୍ଦିନୀଦେବୀ'

## ପୂର୍ବତନ ମହିଳା ମୁଖ୍ୟମନ୍ତ୍ରୀଙ୍କ ଜୟନ୍ତୀ

ଭଦ୍ରକ,୯।୬(ସନାତନ ରାଉତ)

ସାଲିସବିହୀନ, ବିଚକ୍ଷଣ ନେତ୍ରୀ ସହ ଜଣେ ସୁସାହିତ୍ୟିକା ଓ ଅନୁବାଦିକା ଥିଲେ ଲୌହ ମାନବୀ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। ମୁଖ୍ୟମନ୍ତ୍ରୀ ଥିବା ସମୟରେ ବିଭିନ୍ନ କଠୋର ପଦକ୍ଷେପ ନେଇ ସେ ଅଦମ୍ୟ ସାହସିକତାର ପରିଚୟ ଦେଇଥିଲେ ବୋଲି ରବିବାର ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ଧରିତ୍ରୀ କାର୍ଯ୍ୟାଳୟ ନିକଟସ୍ଥ ମହତାବନଗର ମଙ୍ଗଳା ମନ୍ଦିର ସଭାଗୃହରେ ଶିକ୍ଷାବିତ୍ କମଳାକାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଅରବିନ୍ଦ ବସନ୍ତରାୟ, ମୁଖ୍ୟବକ୍ତା ସ୍ତମ୍ଭକାର ଡ. ପ୍ରଫୁଲ୍ଲ କୁମାର ସାହୁ ଏବଂ ଅନ୍ୟତମ ବକ୍ତା ଭାବେ ଆଇନଜୀବୀ ଗଦାଧର ବଳ ଯୋଗଦେଇ ନନ୍ଦିନୀ ଦେବୀଙ୍କ ଭୂସଂସ୍କାର ଆଇନ ପ୍ରଣୟନ ଓ ତାଙ୍କ ଜୀବନୀ ଉପରେ କହିଥିଲେ।

ଭଦ୍ରକ ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ ନନ୍ଦିନୀ ଦେବୀଙ୍କ ଉପରେ ସ୍ୱରଚିତ କବିତା 'ବହ୍ନିକନ୍ୟା' ପାଠ କରିଥିଲେ। ଅମରେଶ ପଲାଇ, ସୁର ମାଧବ ପାଣି, ଦେବେନ୍ଦ୍ର ପଲାଇ, ଅମିୟ ନାୟକ, ବାବୁଲି ସାହୁ, ଅଜୟ ଲେଙ୍କା, ଗଙ୍ଗାଧର ଦାସ, ଶୁଭଦୀପ ମଲ୍ଲିକ, ଶୁଭ୍ରକାନ୍ତ ରାଉତ, କମଳ ପଣ୍ଡା, ବିଜୟ କୁଅଁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ବହୁ ପ୍ରତିଭାର ଅଧିକାରିଣୀ ଥିଲେ'

ଭଦ୍ରକ,୯।୬(ରବିନାରାୟଣ ଖିଲାର)

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ବହୁ ପ୍ରତିଭାର ଅଧିକାରିଣୀ ଥିଲେ। ତାଙ୍କର ଅସୀମ ସାହସ ଥିଲା। ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମହିଳା ଓ ଗରିବଙ୍କ ଉନ୍ନତି ପାଇଁ ବହୁ ଯୋଜନା ପ୍ରଣୟନ କରିଥିଲେ ବୋଲି ଭଦ୍ରକ ସହର ଭାଗବତ କଲ୍ୟାଣ ମଣ୍ଡପରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ୯୩ତମ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ତ୍ୟାଗଭୂମି ସଭାପତି ଅଜୟ ନାୟକ, ବିଶିଷ୍ଟ ଅତିଥି ଇଂ. ଅଭୟ ସୂତାର, ମୁଖ୍ୟବକ୍ତା ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ନେତ୍ରୀ କଳ୍ପନା ଜେନା ଓ ଆଇନଜୀବୀ ଗଦାଧର ବଳ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ, ସାମାଜିକ କର୍ମୀ ମମତା ବଳ, ଶିକ୍ଷୟିତ୍ରୀ ଡ. ଜୟନ୍ତୀ କରଶର୍ମା, ଲେଖିକା ମନୋରମା ରାୟ, କବୟିତ୍ରୀ ଦମୟନ୍ତୀ ରାଉତ, ସେବିକା ନିରୁପମା ଦାଶ ଏବଂ ସଙ୍ଗଠିକା ସଂଯୁକ୍ତା ବଳ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ନୀହାର ରଞ୍ଜନ କର ସଭାପତିତ୍ୱ କରିଥିବା ବେଳେ କବୟିତ୍ରୀ ମନୋରମା ରାୟ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ରଶ୍ମିତା ଦାଶ ସ୍ୱାଗତ ଭାଷଣ ଦେଇଥିଲେ। କବି ବିଜୟ ବହଳି, ଗୀତାରାଣୀ ଆଇଚ, ରମେଶ ଚନ୍ଦ୍ର ସ୍ୱାଇଁ ଓ କବୟିତ୍ରୀ ଜାନକୀ ପାଢ଼ୀଙ୍କ ସଂଯୋଜନାରେ ନନ୍ଦିନୀ ଶତପଥୀଙ୍କ ଉପରେ କବିତା ପାଠ କରାଯାଇଥିଲା। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଅବନୀ ପ୍ରଧାନ, ପ୍ରଧାନଶିକ୍ଷକ ଅରୁଣ ମଲ୍ଲିକ, ଶଶିକାନ୍ତ ମଲ୍ଲିକ, ଚୈତାଳି ଖିଲାର, ଗୌରାଙ୍ଗ ବାରିକ, ରମେଶ ଦାସ, ବିପ୍ଳବ ଜେନା, ଶ୍ରାବଣୀ କର, ପ୍ରଦୀପ ବଳ, ନିରନ ନାୟକ, କୃଷ୍ଣଚନ୍ଦ୍ର ବେହେରା, ସଞ୍ଜୀବ ନାୟକ, ରେଣୁବାଳା ଖିଲାର ପ୍ରମୁଖ କବିତା ପାଠ କରିଥିଲେ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ସେଠୀଙ୍କ ଶ୍ରାଦ୍ଧବାର୍ଷିକୀ



ସ୍ମୃତିସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭଦ୍ରକ,୯।୬(ସନାତନ ରାଉତ)

ଆଗରପଡ଼ାସ୍ଥିତ ଇଲେଭେନ ଷ୍ଟାର କ୍ଲବ ପରିସରରେ ପୂର୍ବତନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକୀ ଶନିବାର ପାଳିତ ହୋଇଯାଇଛି। ଭଦ୍ରକ ରାଜନୀତିରେ ତାଙ୍କୁ ପିତାମହ ଭୀଷ୍ମ ବୋଲି ଆଖ୍ୟା ଦିଆଯାଇଛି। ବହୁ ଉନ୍ନୟନ କାର୍ଯ୍ୟ ତାଙ୍କୁ ସ୍ମରଣୀୟ କରି ରଖିଛି ବୋଲି ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ହେମନ୍ତ ସିଂହଙ୍କ ଆବାହକତ୍ୱ ଏବଂ ବରିଷ୍ଠ ନାଗରିକ ରାମଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ସ୍ମୃତିସଭା ହୋଇଥିଲା। ବରିଷ୍ଠ ଭାଜପା ନେତା ମଦନମୋହନ ଦାଶ, ପ୍ରଫୁଲ୍ଲ ସିଂହ, ବିଷ୍ଣୁ ପ୍ରସାଦ ପଣ୍ଡା, ଗୋଲକ ପୃଷ୍ଟି, ଅମୂଲ୍ୟ ପଣ୍ଡା, କରୁଣାକର ସାହୁ, କୈଳାସ ଚନ୍ଦ୍ର ଧଳ, ବିଜେଡି ନେତା ପୀତାମ୍ବର ପତି, ଗଦାଧର ଧଡା, ପୂର୍ବତନ ଭାଜପା ମଣ୍ଡଳ ସଭାପତି ଗୋପାଳକୃଷ୍ଣ ଦାଶ, ସାଧାରଣ ସମ୍ପାଦକ ଅମୂଲ୍ୟରତ୍ନ ନନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଚିନ୍ମୟ ମହାପାତ୍ର, ପୂର୍ବତନ ସରପଞ୍ଚ କାର୍ତ୍ତିକ ପୃଷ୍ଟି, ପୂର୍ବତନ ସମିତିସଭ୍ୟ ବସନ୍ତ ନାୟକ, ଅଶୋକ ପରିଡ଼ା, ଅଧ୍ୟାପିକା ପ୍ରତିମା ସାହୁ, ପ୍ରଜ୍ଞା ପ୍ରିୟଦର୍ଶିନୀ କଟୁଆଳ, ରବୀନ୍ଦ୍ର ଜେନା, ସୁଶାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦଳକୁ ଆହୁରି ମଜଭୁତ କରିବାକୁ ଆହ୍ୱାନ

## ନବନିର୍ବାଚିତ ବିଧାୟକଙ୍କ କର୍ମୀ ସମ୍ମିଳନୀ

ଭଣ୍ଡାରିପୋଖରୀ,୯।୬(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ବିଷ୍ଣୁପୁର ନିକଟ ନଳାଙ୍ଗ କଲ୍ୟାଣ ମଣ୍ଡପଠାରେ ରବିବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ନବନିର୍ବାଚିତ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ କୃତଜ୍ଞତା ଜଣାଇଥିଲେ। ରାଜ୍ୟରେ ଦଳ ପରାଜିତ ହୋଇଥିବା ବେଳେ ନବୀନ ପଟ୍ଟନାୟକଙ୍କ ଷଷ୍ଠ ପାଳି ଆଶା ମଧ୍ୟ ପୂରଣ ହୋଇପାରିଲା ନାହିଁ। ତଥାପି ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ଦଳ ବିଜୟ ହାସଲ କରିଥିବାରୁ ସୁପ୍ରିମୋଙ୍କ ନେତୃତ୍ୱରେ ସଙ୍ଗଠନକୁ ଆଗାମୀ ଦିନରେ ଆହୁରି ମଜଭୁତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ନିର୍ବାଚନମଣ୍ଡଳୀ ଅଧୀନ ୨ ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ଯଥାବିଧି ହେବ ବୋଲି ସେ କହିଥିଲେ। ବିଶେଷକରି ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟରେ ଦଳର ପୂର୍ବ ସ୍ଥିତି ଫେରି ଆସିବ ବୋଲି ସେ ମତବ୍ୟକ୍ତ କରିଥିଲେ।



କର୍ମୀ ସମ୍ମିଳନୀରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଅନ୍ୟମାନେ।

ବୈଠକରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବିଜେଡି ଜିଲା ସଭାପତି ଜଗନ୍ନାଥ ସାଇଁ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଜିଲା ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ବ୍ଲକ ଯୁବ ସଭାପତି ଲଳିତ ରାଉତ, ଛାତ୍ର ସଭାପତି ଜଗତ ଜୀବନ ବାରିକ ପ୍ରମୁଖ ଉପସ୍ଥିତ ରହି ପ୍ରତିକୂଳ ପରିସ୍ଥିତିରେ ବିଜେଡି କର୍ମୀମାନେ ଏକାଠି ହୋଇ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ। ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତସ୍ତରୀୟ ଯୁବ, ଛାତ୍ର, ବରିଷ୍ଠ ବିଜେଡି ନେତା ଓ କର୍ମୀ ବୈଠକରେ ଯୋଗ ଦେଇଥିଲେ।

## ମୟୂରଭଞ୍ଜ

# ଲୋକାଭିମୁଖୀ ଯୋଜନା, ପ୍ରକଳ୍ପ କାର୍ଯ୍ୟକାରିତାକୁ ନେଇ ଦ୍ୱନ୍ଦ୍ୱ

ବାରିପଦା,୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ବିଜେଡି ସରକାରଙ୍କ ଦ୍ୱାରା ଚାଲିଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକର ମୟୂରଭଞ୍ଜ ଜିଲାରେ କାର୍ଯ୍ୟକାରିତା ନେଇ ଦ୍ୱନ୍ଦ୍ୱ ଉପୁଜିଛି। ରାଜ୍ୟରେ ବିଜେଡିର ପରାଜୟ ଯୋଗୁ ଭାଜପା ସରକାର ଗଢ଼ିବାକୁ ଯାଉଛି। ବିଜେଡି ସରକାର ନେଇଥିବା କାର୍ଯ୍ୟଗୁଡ଼ିକ ପୂର୍ଣ୍ଣାଙ୍ଗ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏପରିକି ଅନୁମୋଦନ ହୋଇଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାରମ୍ଭ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାକୁ ନେଇ ଅଞ୍ଚଳବାସୀ ଓ ଠିକାଦାର ଏବେ ନୂଆ ସରକାରଙ୍କ କାର୍ଯ୍ୟାଧାରାକୁ ନେଇ ଚିନ୍ତାମଗ୍ନ ହୋଇପଡ଼ିଛନ୍ତି।

ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନିମନ୍ତେ ବିଜେଡି ସରକାର ୭ ଶହ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଏହି ଅନୁଦାନରେ ଯଶିପୁରସ୍ଥିତ ଖଇରୀ ଭଣ୍ଡନ ନଦୀରେ ବନ୍ଧ ନିର୍ମାଣ, ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା ପାଇଁ ଆଡ଼ିବନ୍ଧ ସହ ରିଂ-ରୋଡ୍ ନିର୍ମାଣ, ବାଙ୍ଗିରିପୋଷିସ୍ଥିତ ଦ୍ୱାରଶୁଣୀ ଘାଟିର ବିକଳ୍ପ ରାସ୍ତା ନିର୍ମାଣ, ଦେବକୁଣ୍ଡ, ଖିଚିଂ ଆଦି ପର୍ଯ୍ୟଟନ ସ୍ଥଳୀର ଉନ୍ନତୀକରଣ ଭଳି ଅନେକ ଯୋଜନାର କାର୍ଯ୍ୟ ଜାରି ରହିଛି। କେତେକ ଆରମ୍ଭ ହୋଇପାରି ନାହିଁ। ଅନେକ ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ହୋଇ ଅର୍ଥ ଅନୁମୋଦନ ହୋଇସାରିଛି। କେତେକ ଯୋଜନାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ସାରିଥିବା ବେଳେ ସେହି କାର୍ଯ୍ୟଗୁଡ଼ିକର ରୂପରେଖ ଓ କାର୍ଯ୍ୟକାରିତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସମ୍ଭାବନା ଜାଗ୍ରତ ହୋଇଥିଲା। ବିଜେଡିର ତତ୍କାଳୀନ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ପ୍ରତି ଜିଲାକୁ ଆସି ଲୋକଙ୍କ ଅଭିଯୋଗ ସଂଗ୍ରହ କରି ତାହାର କାର୍ଯ୍ୟକାରିତା କରୁଥିଲେ। ମାତ୍ର ନିର୍ବାଚନରେ ସରକାର ବଦଳି ଯାଇଥିବାରୁ କାର୍ଯ୍ୟଗୁଡ଼ିକର ପୂର୍ଣ୍ଣାଙ୍ଗ ଓ ଆରମ୍ଭକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ବୃତ୍ତି, ଆହାର, ଲକ୍ଷ୍ମୀ, କାଳିଆ, ବିଏସ୍‌କେୱାଇ ସ୍ୱାସ୍ଥ୍ୟ ଯୋଜନା ଆଦି ଲୋକାଭିମୁଖୀ ଯୋଜନାରୁ ଉପକୃତ ହେଉଥିବା ରାଜ୍ୟବାସୀଙ୍କ ନିମନ୍ତେ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହାକୁ ନେଇ ଉତ୍ସୁକତା ବୃଦ୍ଧି ପାଇଛି। ନୂଆ ସରକାରରେ ଲକ୍ଷପତି ଦିଦି, ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା, ପ୍ରତି ଘରକୁ ୩ଶହ ୟୁନିଟ୍ ବିଜୁଳି ଛାଡ଼, ବଳକା ବିଜୁଳି ବିକ୍ରି କରି ଅର୍ଥ ରୋଜଗାରକ୍ଷମ କରାଇବା, ଆୟୁଷ୍ମାନ ଯୋଜନା ଭଳି ଯୋଜନାକୁ କିଭଳି କାର୍ଯ୍ୟକାରୀ କରାଯାଉଛି, ତାହାକୁ ନେଇ ରାଜ୍ୟବାସୀ ଅପେକ୍ଷା କରିଛନ୍ତି। ତେବେ ଜିଲାବାସୀଙ୍କ ନିମନ୍ତେ ଅନୁମୋଦନ ହୋଇଥିବା ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରା ନ ଗଲେ ଭବିଷ୍ୟତରେ ଭାଜପା ପ୍ରତି ବୁମେରାଂ ହେବ ବୋଲି ଆଲୋଚନା ଜୋର ଧରିଛି।

# ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ମୋରଡ଼ା,୯।୬(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ସାହୁ କନଫରେନ୍ସ ହଲ୍‌ରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାବା ଚିତ୍ରେଶ୍ୱର ସ୍ୱଚ୍ଛ ସେବା ସଂଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକମାନେ ଉପସ୍ଥିତ ରହିଥିଲେ। ସଂଘର ସଦସ୍ୟ ହୃଦାନନ୍ଦ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମାଟ୍ରିକ୍ ପରୀକ୍ଷାରେ ୫୪୨ ନମ୍ବର ରଖି ଅଞ୍ଚଳ ପାଇଁ ଗର୍ବ ଆଣି ଦେଇଥିବା ସ୍ଥାନୀୟ ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଗଣପତି ମହାନ୍ତଙ୍କୁ ମାନପତ୍ର ଓ ଆର୍ଥିକ ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

ସଭାରେ ଉପସ୍ଥିତ ଥିବା ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ବେହେରା, ଅଜୟ କୁମାର ପାଳ, ରାଧାନାଥ ମହାନ୍ତ, କ୍ଷୀରୋଦଚନ୍ଦ୍ର ମହାନ୍ତ, ଲକ୍ଷ୍ମଣ ମହାନ୍ତ, କମଳଲୋଚନ ବେହେରା, ନରେନ୍ଦ୍ର ମହାନ୍ତ, ଗଣପତିଙ୍କ ସହକାରୀ ଶିକ୍ଷକ ଅରୁଣ କୁମାର ବେହେରା, ବାପା ଦିଲୀପ କୁମାର ମହାନ୍ତ, ସଂଗଠନର ସଭାପତି ସୁଚାରୁ ରଣା, ସମ୍ପାଦକ ସୁଦାମା ବେହେରା, ସରକାରୀ କର୍ମଚାରୀ ଅଶୋକ କୁମାର ରାୟବାବୁ ପ୍ରମୁଖ ନିଜ ନିଜର ଅଭିଭାଷଣ ରଖିବା ସହିତ ଗଣପତିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏପରି ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ ପାଇଁ ଚିତ୍ରେଶ୍ୱର ସ୍ୱଚ୍ଛ ସେବା ସଂଗଠନର ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସଂଗଠନର ସଦସ୍ୟ ଜଗନ୍ନାଥ ମହାନ୍ତ, ସନ୍ତୋଷ କୁମାର ବଡ଼ମାଝୀ, ଅବିନାଶ ବେହେରା, ଡାକ୍ତର ସେଠୀ, ପ୍ରଦୀପ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।



ସମ୍ବର୍ଦ୍ଧନା ସଭାରେ ଅତିଥି ମେଧାବୀ ଛାତ୍ର ଗଣପତି ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ରାସ୍ତା ଫିଟାଇଲେ

ବୈଶିଙ୍ଗା,୯।୬ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରଙ୍ଗାମାଟିଆ ସଂରକ୍ଷିତ ଜଙ୍ଗଲରୁ ୩ଟି ବଡ଼ ବଡ଼ ଇଉକାଲିପଟାସ ଗଛ କାଟିନେଇ ରାସ୍ତା ଫିଟାଇଲେ ମାଫିଆ। ବୈଶିଙ୍ଗା ବନ ବିଭାଗ କାର୍ଯ୍ୟାଳୟଠାରୁ ଏହା ମାତ୍ର ୩ ଶହ ମିଟର ଦୂର। ୧୮ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପ୍ରାୟ ୩୦ ଫୁଟ ଓସାରିଆ ମୋରମ ରାସ୍ତା ସଂରକ୍ଷିତ ଜଙ୍ଗଲ ଭିତରେ ତିଆରି କରାଯିବା ଆଉ ବନ ବିଭାଗ ଏହାକୁ ଜାଣି ନ ପାରିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ଏ ବାବଦରେ ବନ ବିଭାଗକୁ ଅବଗତ କରାଇଥିବା ବେଳେ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ନେଇ ସମୟ ଗଡ଼ାଇ ଚାଲିଥିବା ଅଭିଯୋଗ ହେଉଛି। ଏକ ବର୍ଷ ଧରି ବୈଶିଙ୍ଗା ବନ ଅଧିକାରୀ ପଦବୀ ଖାଲି ପଡ଼ିଛି। ଏଣୁ ଜଙ୍ଗଲ ସୁରକ୍ଷା ନେଇ ପ୍ରଶାସନର ଆନ୍ତରିକତା ମଧ୍ୟ ସନ୍ଦେହଘେରରେ। ଏ ସଂକ୍ରାନ୍ତରେ ବେତନଟୀ ବନପାଳ ମନୱାର ଖାଁ କହିଛନ୍ତି, ଗଛ କଟାଯିବା ଘଟଣାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ୧୮ ନଂ. ଜାତୀୟ ରାଜପଥରୁ ଓସାରିଆ ମୋରମ ରାସ୍ତା ସଂରକ୍ଷିତ ଜଙ୍ଗଲ ଭିତରେ କିପରି ତିଆରି ହେଲା ପଚାରିବାରୁ ସେ କହିଥିଲେ, ତାଙ୍କ ପୂର୍ବରୁ ଥିବା ଅଧିକାରୀଙ୍କ ସମୟରୁ ଉକ୍ତ ରାସ୍ତା ଫିଟାଯାଇଛି। ଏହାବ୍ୟତୀତ ଏଭଳି ବେଆଇନ କାର୍ଯ୍ୟକଳାପ ରୋକିବା ଆଞ୍ଚଳିକ ବନ ସୁରକ୍ଷା ସମିତି ଅର୍ଥାତ୍ ଗ୍ରାମବାସୀଙ୍କ ଦାୟିତ୍ୱ। ତେବେ ସେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ। ଘଟଣାର ଖୋଳତାଡ଼ ହେବା ପରେ ରବିବାର ସନ୍ଧ୍ୟା ସୁଦ୍ଧା ପୂର୍ବରୁ କଟା ହୋଇ ଜନୈକ ବ୍ୟକ୍ତିଙ୍କ ଘରବାଡ଼ିରେ ରଖାଯାଇଥିବା ଗଛର ଗଣ୍ଡିଗୁଡ଼ିକ ବନ ବିଭାଗ ନିଜ ହେପାଜତକୁ ନେଇଯାଇଥିବା ସୂଚନା ମିଳିଛି।



# ବିଚାର ଅପେକ୍ଷାରେ ୭୪ ହଜାରରୁ ଊର୍ଦ୍ଧ୍ୱ ମାମଲା

ବାରିପଦା,୯।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ବିଭିନ୍ନ ଅଦାଲତରେ ୭୪ ହଜାରରୁ ଊର୍ଦ୍ଧ୍ୱ ମାମଲା ବିଚାର ଅପେକ୍ଷାରେ ରହିଛି। ମେ ୩୧ ସୁଦ୍ଧା ଜିଲା ଅଦାଲତ ଏବଂ ଅନ୍ୟାନ୍ୟ ନିମ୍ନ ଅଦାଲତଗୁଡ଼ିକରେ ଦେୱାନୀ ମାମଲା ଓ ଫୌଜଦାରୀ ମାମଲା ମିଶାଇ ୭୪ ହଜାର ୨୧ଗୋଟି ବିଚାରାଧୀନ ରହିଛି। ଏ ନେଇ ବିଭାଗୀୟସ୍ତରରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି। ପୂର୍ବରୁ ଥିବା ବିଚାରାଧୀନ ସହିତ ନୂଆ ମାମଲା ରୁଜୁ ହୋଇଥିବା ବେଳେ ସମସ୍ତ ମାମଲାର ଫଇସଲା ହୋଇପାରି ନ ଥିବାରୁ ଉକ୍ତ ମାମଲା ବିଚାରଧୀନ ରହିଛି। ତେବେ ମାମଲା ଗୁଡ଼ିକର ତ୍ୱରିତ ସମାଧାନ କରି ଫଇସଲା କରିବାର ହାର ବିଗତ ବର୍ଷ ତୁଳନାରେ ବୃଦ୍ଧି ପାଇଛି। ଏଥି ସହିତ ସିସିଟିଭି ଫଟୋ ଆଧାରରେ ଜାରି ଅଟୋମେଟିକ ଚାଲାଣ ବ୍ୟବସ୍ଥା ଯୋଗୁ ମୋଟରଯାନ ଆଇନ ଜନିତ ମାମଲା ମଧ୍ୟ ବୃଦ୍ଧି ପାଇଛି। ତେବେ ଅନ୍ୟ ଜିଲା ତୁଳନାରେ ମୟୂରଭଞ୍ଜ ଜିଲାର ବିଚାରାଧୀନ ମାମଲା ଗୁଡ଼ିକର ସଂଖ୍ୟା କମ ରହିଛି ବୋଲି ଜଣାପଡ଼ିଛି।

# ଅମାନତ ହରାଇଛନ୍ତି ୧୦୨ ପ୍ରାର୍ଥୀ

## ମୟୂରଭଞ୍ଜ ଲୋକ ସଭା କ୍ଷେତ୍ର

ବାରିପଦା,୯।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସାଧାରଣ ନିର୍ବାଚନରେ ଶତାଧିକ ପ୍ରାର୍ଥୀ ନିଜର ଅମାନତ ହରାଇଛନ୍ତି। ନିଜ ବିଧାନସଭା କ୍ଷେତ୍ର ଓ ଲୋକ ସଭା କ୍ଷେତ୍ରରେ ପ୍ରାପ୍ତ ମତଦାନର ଏକ ଷଷ୍ଠାଂଶ ଭୋଟ ପାଇ ନ ଥିବାରୁ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତ ହେବ ବୋଲି ଜଣାପଡିଛି। ମୋଟ ୯ ବିଧାନସଭା ଓ ଗୋଟିଏ ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୋଟ ୧୨୩ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୦୨ଜଣ ଅମାନତ ହରାଇଥିବା ନିର୍ବାଚନ କମିଶନରଙ୍କ ଫଳାଫଳରୁ ଜଣାପଡିଛି ।

ମୟୂରଭଞ୍ଜ ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୩ ପ୍ରାର୍ଥୀଙ୍କ ମଧ୍ୟରୁ ଭାଜପା ଓ ବିଜେଡିକୁ ଛାଡିଦେଲେ ଅବଶିଷ୍ଟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ଅମାନତ ହରାଇଛନ୍ତି। ଜେଏମ୍‌ଏମ୍, ବିଏସ୍‌ପି, ଏସ୍‌ୟୁସିଆଇ(ସି), ଆଜସୁ, ବିଏନ୍‌ଏଆରପି ଓ ବିଜେକେପି ସହ ୫ଜଣ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୧ ଜଣ ମତଦାନର ଏକ ଷଷ୍ଠାଂଶ ଭୋଟ ପାଇବାରୁ ବଞ୍ଚିତ ରହିଛନ୍ତି। ସେହିପରି ୯ ବିଧାନସଭା ଆସନ ମଧ୍ୟରୁ ବଡ଼ସାହି ବିଧାନସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୭ ପ୍ରାର୍ଥୀଙ୍କ ମଧ୍ୟରୁ ଭାଜପା ଓ ବିଜେଡି ବ୍ୟତୀତ ଅବଶିଷ୍ଟ ୫, ବାରିପଦା ବିଧାନସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୮ ପ୍ରାର୍ଥୀଙ୍କ ମଧ୍ୟରୁ ଭାଜପା ଓ ବିଜେଡି ବ୍ୟତୀତ ଅବଶିଷ୍ଟ ୬, ମୋରଡ଼ା ବିଧାନସଭା ଆସନରେ ସର୍ବାଧିକ ୧୭ ପ୍ରାର୍ଥୀଙ୍କ ମଧ୍ୟରୁ ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ ୧୫ ଜଣ, ବାଙ୍ଗିରିପୋଷି ବିଧାନସଭା ଆସନରୁ ୧୬ ପ୍ରାର୍ଥୀଙ୍କ ମଧ୍ୟରୁ ଭାଜପା ଓ ବିଜେଡି ବ୍ୟତୀତ ଅବଶିଷ୍ଟ ୧୪, ସାରସକଣା ବିଧାନସଭା କ୍ଷେତ୍ରରେ ୧୪ ପ୍ରାର୍ଥୀଙ୍କ ମଧ୍ୟରୁ ଭାଜପା ଓ ବିଜେଡି ବ୍ୟତୀତ ଅବଶିଷ୍ଟ ୧୨, ରାଇରଙ୍ଗପୁର ବିଧାନସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୩ ପ୍ରାର୍ଥୀଙ୍କ ମଧ୍ୟରୁ ଭାଜପା ଓ ବିଜେଡି ବ୍ୟତୀତ ଅବଶିଷ୍ଟ ୧୧, ଯଶିପୁର ବିଧାନସଭା କ୍ଷେତ୍ରରୁ ୯ ପ୍ରାର୍ଥୀଙ୍କ ମଧ୍ୟରୁ ଭାଜପା ଓ ବିଜେଡି ବ୍ୟତୀତ ଅବଶିଷ୍ଟ ୭ ଓ ଉଦଳା ବିଧାନସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୫ ପ୍ରାର୍ଥୀଙ୍କ ମଧ୍ୟରୁ ଭାଜପା ଓ ବିଜେଡି ବ୍ୟତୀତ ଅବଶିଷ୍ଟ ୧୩, କରଞ୍ଜିଆ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୧୧ ପ୍ରାର୍ଥୀଙ୍କ ମଧ୍ୟରୁ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ବ୍ୟତୀତ ଅବଶିଷ୍ଟ ୮ ପ୍ରାର୍ଥୀ ଅମାନତ ହରାଇଥିବା ଜଣାପଡ଼ିଛି। ତେବେ ଅମାନତ ହରାଇଥିବା ପ୍ରାର୍ଥୀଙ୍କ ଜମା ହୋଇଥିବା ଅର୍ଥ ବାଜ୍ୟାପ୍ତି ହେବ ବୋଲି ଜଣାପଡ଼ିଛି।

# ପଶ୍ଚିମବଙ୍ଗକୁ ଅବାଧ ଗୋଚାଲାଣ

■୪୯ ଗୋରୁ ଜବତ
■ଡ୍ରାଇଭର, ହେଲପର ଗିରଫ

ରୂପସା(ବାଞ୍ଛାନିଧି ଦେ)/ ଭୋଗରାଇ(ପ୍ରଦୀପ ଦାସ),୯।୬

ଓଡ଼ିଶାରୁ ପଶ୍ଚିମବଙ୍ଗକୁ ବେଆଇନ ଗୋଚାଲାଣ ହେଉଛି। ଗୋରୁଗୁଡ଼ିକୁ ଅତି ନିର୍ଦ୍ଦୟଭାବେ ମୁହଁରେ ରସିଦେଇ ବାନ୍ଧି ନିଆଯାଉଥିବା ବେଳେ ପ୍ରଶାସନର ନୀରବତା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ବାଲେଶ୍ୱର ଜିଲା ସିଂଲା ଓ ଭୋଗରାଇ ଥାନା ପୋଲିସ ପଶ୍ଚିମବଙ୍ଗ ଚାଲାଣ ବେଳେ ୪୯ ଗୋରୁ ଜବତ କରିବା ପରେ ଅବାଧ ଗୋଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି।

ସୂଚନା ଅନୁଯାୟୀ, ରବିବାର ସକାଳେ ଓଡ଼ି୨୨ବି-୩୮୫୪ ନମ୍ବର ବିଶିଷ୍ଟ ଏକ ଗୋରୁ ବୋଝେଇ ମିନି ଟ୍ରକ୍ ସିଂଲା ଥାନା ପାଉଁଶକୁଲି ମୁଖ୍ୟ ରାସ୍ତାଦେଇ କାଦରାୟାଁରୁ ପଶ୍ଚିମବଙ୍ଗ ଯିବା ସମୟରେ ଆମ୍ବକୁଡୁଚି ଛକ ନିକଟରେ ରାସ୍ତା ଜାମ୍ ଥିବାରୁ ଅଟକିଥିଲା। ଏହି ସମୟରେ ଟ୍ରକ୍‌ରୁ ଗୋମୂତ୍ର ରାସ୍ତାରେ ପଡ଼ିବାରୁ ସ୍ଥାନୀୟ ଲୋକେ ବଜରଙ୍ଗ ଦଳର ସଦସ୍ୟଙ୍କୁ ଖବର ଦେଇଥିଲେ। ଏହା ଜାଣି ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଚମ୍ପଟ ମାରିବାକୁ ଚେଷ୍ଟା କରୁଥିବା ସମୟରେ ଗ୍ରାମବାସୀ ସେମାନଙ୍କୁ କାବୁ କରି ସିଂଲା ଥାନାକୁ ଖବର ଦେଇଥିଲେ। ପରେ ଟ୍ରକ୍‌ଟିର ପଛ ଡାଲା ଖୋଲି ସମସ୍ତ ୧୭ଟି ଗୋରୁଙ୍କୁ ବାହାରକୁ ଅଣାଯାଇଥିଲା। ୧୨ଟି ଗୋରୁ ଏଣେତେଣେ ପଳାଇ ଯାଇଥିବା ବେଳେ ସିଂଲା ଥାନା ଅଧିକାରୀ ଭୁବନ ମୋହନ ସେଠୀ ସଦଳବଳେ ପହଞ୍ଚି ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରିଥିଲେ। ଅବଶିଷ୍ଟ ୫ଟି ଗୋରୁଙ୍କୁ ଉଦ୍ଧାର କରି ଟ୍ରକଟିକୁ ଜବତ କରିଥିଲେ। ଏ ସଂକ୍ରାନ୍ତରେ ସିଂଲା ଥାନାରେ ଏକ ମାମଲା (ନଂ.୧୦୩/୨୪) ରୁଜୁ ହୋଇଛି। ଗିରଫ ଡ୍ରାଇଭର ଓ ହେଲପରଙ୍କୁ କୋର୍ଟଚାଲାଣ କରାଯାଇଛି। ଉଦ୍ଧାର ଗୋରୁଗୁଡ଼ିକୁ ବାମପଦାସ୍ଥିତ ଗୋଶାଳାରେ ଛଡ଼ାଯାଇଛି।

ସେହିପରି ରବିବାର ସକାଳ ୫ଟା ସମୟରେ ଭୋଗରାଇ ବ୍ଲକ ଦେଉଳାହାଟ-ମାନକୁଣ୍ଡା ରାସ୍ତାରେ ଓଡି ୩୪ଏନ-୧୬୯୯ ନଂ. ଏକ ଟ୍ରକ୍‌ରେ ୩୨ଟି ଗୋରୁ ବୋଝେଇ ହୋଇ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା। ଦେଉଳା ବରଫ ଫାକ୍ଟ୍ରି ପାଖରେ ଅନ୍ୟ ଗୋଟିଏ ଡମ୍ପରକୁ ଅତିକ୍ରମ କରୁଥିବା ସମୟରେ ଟ୍ରକ୍‌ର ଆଗ ଚକ ଖାଲରେ ପଡ଼ି ଯିବାରୁ ଆଗକୁ ଯାଇ ନ ପାରି ସେହିଠାରେ ଅଟକି ରହିଥିଲା। ସ୍ଥାନୀୟ କେତେକ ଯୁବକ ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଥିବା ଦେଖି ଗାଡ଼ିକୁ ଅଟକ ରଖିବା ସହିତ ପୋଲିସକୁ ଖବର ଦେଇଥିଲେ। ଏହି ସମୟରେ ଗାଡ଼ି ଚାଳକ ଓ ଖଲାସୀ ଘଟଣାସ୍ଥଳରୁ କୌଶଳ କ୍ରମେ ଚମ୍ପଟ ମାରିଥିଲେ। ଭୋଗରାଇ ଥାନା ପୋଲିସ ପହଞ୍ଚି ୩୨ଟି ଗୋରୁ ଉଦ୍ଧାର କରିବା ସହ ଗାଡ଼ିକୁ ଜବତ କରି ଥାନାକୁ ନେଇଥିଲା। ଉଦ୍ଧାର ଗୋରୁଗୁଡ଼ିକୁ ବାଲେଶ୍ୱର ଜିଲା ରେମୁଣାସ୍ଥିତ ଗୋଶାଳାରେ ଛଡ଼ାଯାଇଛି। ଏନେଇ ଭୋଗରାଇ ଥାନାରେ ଏକ ମାମଲା(ନଂ. ୨୫୪/୨୪) ମାମଲା ରୁଜୁ ହୋଇଛି।


ସିଂଲା ଥାନା ଅଞ୍ଚଳରୁ ଜବତ ଗୋରୁ ବୋଝେଇ ମିନି ଟ୍ରକ୍।

# ୟୁଟ୍ୟୁବ୍ ମାଧ୍ୟମରେ ସଫଳତା ପାଇଲେ ଶଶିକାନ୍ତ

ଡାକ୍ତର ହୋଇ ସେବା କରିବା ଲକ୍ଷ୍ୟ

ବାଲେଶ୍ୱର,୯।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ଥାନା ଅନ୍ତର୍ଗତ ଚକଜଗନ୍ନାଥପୁର ଗ୍ରାମର ଶଶିକାନ୍ତ ପାତ୍ର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି-ଏନଟିଏ (ନିଟ୍)ପରୀକ୍ଷାରେ ୬୨୬ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଆର୍ଥିକ ଅଭାବରୁ ସେ କୋଚିଂ ସେଣ୍ଟର ନ ଯାଇ ଘରେ ୟୁଟ୍ୟୁବ୍ ଦେଖି ଦିନକୁ ୧୦ରୁ ୧୨ ଘଣ୍ଟା ପଢ଼ି ଏହି ସଫଳତା ପାଇଥିବା କହିଛନ୍ତି।

ମା' ପ୍ରମିଳା ପାତ୍ର ଓ ବାପା ହରିଶ ଚନ୍ଦ୍ର ପାତ୍ରଙ୍କର ଏକମାତ୍ର ପୁତ୍ର ହେଉଛନ୍ତି ଶଶିକାନ୍ତ। ବାପା ଜଣେ ଦିନ ମଜୁରିଆ ହୋଇଥିବା ବେଳେ ମା' ଗୃହିଣୀ। ଶଶିକାନ୍ତ ୫ ଝିଅଙ୍କ ମଧ୍ୟରେ କନିଷ୍ଠ ପୁତ୍ର। ଅଭାବ ଅନଟନ ମଧ୍ୟରେ ପାଠ ପଢ଼ି ଡାକ୍ତରଟିଏ ହେବାର ଇଚ୍ଛା ରଖିଥିଲେ। କଠିନ ପରିଶ୍ରମ ଦ୍ୱାରା ସେ ୩ୟ ଥର ପ୍ରୟାସରେ ସଫଳ ହୋଇଛନ୍ତି। ଦ୍ୱିତୀୟ ପ୍ରୟାସରେ ବିଫଳ ହେବାପରେ ସେ ଭାଙ୍ଗିପଡ଼ି ନ ଥିଲେ। ସେ ପୁଣି ନିଜର ତ୍ରୁଟି ସୁଧାରି ପଢ଼ିବା ଆରମ୍ଭ କରିଥିଲେ। ୨୦୧୯ରେ ଚକଜଗନ୍ନାଥପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ଦଶମ ପାସ କଲା ପରେ, ଗୋପାଳପୁର ମହାବିଦ୍ୟାଳୟରେ ଯୁକ୍ତ୨ ବିଜ୍ଞାନ ପଢ଼ିଥିଲେ। ଏହା ପରେ ସେ ଏନଟିଏ ପାଇଁ ପ୍ରସ୍ତୁତ ହେଉଥିଲେ। ଶଶିକାନ୍ତ ପିଲାଟି ଦିନରୁ ମେଧାବୀ ଥିଲେ। ସେ ଜେଇ ମେନ୍ ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୧ରେ ରାଉରକେଲା ନିଟ୍‌ରେ ଇଣ୍ଟିଗ୍ରେଟେଡ ଏମ୍ଏସ୍‌ସି, ୨୦୨୩ରେ ନିଟ୍ ଭୋପାଳରେ ପଢ଼ିବା ପାଇଁ ଚୟନ ହୋଇଥିଲେ। କିନ୍ତୁ ତାଙ୍କର ଗୋଟିଏ ଲକ୍ଷ୍ୟ ଥିଲା କି ସେ ଡାକ୍ତର ହେବେ, ଆଉ ଲୋକଙ୍କ ସେବା କରିବେ। ଭବିଷ୍ୟତରେ ସେ ହୃଦ୍‌ରୋଗ କିମ୍ବା ସ୍ନାୟୁ ବିଭାଗରେ ଡାକ୍ତର ହୋଇ ସେବା ଯୋଗାଇ ଦେବାକୁ ଇଚ୍ଛାପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ କିଛି ସାହାଯ୍ୟ ମିଳିଲେ ତାଙ୍କୁ ପଢ଼ିବାକୁ ସହାୟକ ହେବ। ଶଶିକାନ୍ତ ଏହି ସଫଳତାର ଶ୍ରେୟ ନିଜର ପରିବାର, ଗୁରୁଜନ ଓ ଶିକ୍ଷକଙ୍କୁ ଦେଇଛନ୍ତି।



# 'ସଫଳତା ପାଇଁ ଆତ୍ମବିଶ୍ୱାସ ପ୍ରେରଣା ଦିଏ'

ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା

ରୂପସା,୯।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତବର୍ତ୍ତୀ ଆମ୍ବଗଡ଼ିଆ ବିକାଶ ପରିଷଦ ଆନୁକୂଲ୍ୟରେ ଭଗବାନପୁର ବୈଠକ ବଙ୍ଗଳାରେ ରବିବାର ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ ଏହି ସଭାରେ ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଛୋଟରାୟ ମୁର୍ମୁ ଓ ମୁଖ୍ୟ ବକ୍ତା ଜଗତସିଂହପୁରର ଶିକ୍ଷୟିତ୍ରୀ ସରୋଜିନୀ ରଥ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ପ୍ରେରଣା ଦେଇଥାଏ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭଗବାନପୁର ଗ୍ରାମର ପ୍ରତିଷ୍ଠାତା ଭଗବାନ ମହାପାତ୍ର, ବରିଷ୍ଠ ପ୍ରଶାସନିକ ଅଧିକାରୀ ଭୀମଚରଣ ମାଝି, ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ଭୋଇ, ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡା, ସାମାଜିକ କର୍ମୀ ଅକ୍ଷୟ କୁମାର ମିଶ୍ର ଓ ଅମର କୁମାର ପାଲ ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରୀଛାତ୍ରଙ୍କ ସ୍ୱପ୍ନରେ ଭବିଷ୍ୟତ ସମ୍ଭାବନା ଭରି ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ସ୍ୱାଗତ ବକ୍ତବ୍ୟ ଓ ସମ୍ପାଦକ କୂଳ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ ବେଦ ପାଠ ଓ ସୁଶ୍ରୀ ନିବେଦିତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଚଳିତ ମାଟ୍ରିକ ଓ ଯୁକ୍ତ୨ ପରୀକ୍ଷାରେ ବିଭିନ୍ନ ବ୍ଲକ ଟପ୍ପର ଓ ଜିଲା ଟପ୍ପର ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯାଜପୁରର ମା' ବିରଜା ସେବା ସଂଗଠନ, ସୋରର ଆଦର୍ଶ ଯୁବ ପରିଷଦ, ବାଲେଶ୍ୱରର ବାଘାଜତୀନ ସ୍ୱେଚ୍ଛାସେବୀ ସଂଗଠନ, ପୁରୁଣିଆର ରାଧାକୃଷ୍ଣ ଆଧ୍ୟାତ୍ମିକ ସେବାସଦନ ଓ ହଳଦୀପଦାର ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନକୁ ସେବା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ନୃତ୍ୟ ଗୁରୁ ନିର୍ମଳା ଭୋଇଙ୍କୁ ନୃତ୍ୟଶ୍ରୀ ଶିଳ୍ପୀ ସମ୍ମାନ ଓ ଖବରଦାତା ଭରତ କୁମାର ଦାସଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଟପ୍ପରମାନେ।

# ନୃତ୍ୟ,ସଙ୍ଗୀତ କଳାମନ୍ଦିରର ବାର୍ଷିକୋତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାଲେଶ୍ୱର,୯।୬(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଟାଉନହଲ ପରିସରରେ ନୃତ୍ୟ,ସଙ୍ଗୀତ କଳାମନ୍ଦିରର ୬୮ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଏଥିରେ ପୌରହିତ୍ୟ କରିଥିଲେ। ଅନୁଷ୍ଠାନର ପୂର୍ବତନ ସମ୍ପାଦକ ଶରତ ଚନ୍ଦ୍ର ଦାଶ ଅନୁଷ୍ଠାନ ସମ୍ପର୍କରେ ବକ୍ତବ୍ୟ ରଖିଥିବାବେଳେ ସମ୍ପାଦକ ଲକ୍ଷ୍ମୀନାରାୟଣ ଘୋଷ ବିବରଣୀ ପାଠ କରିଥିଲେ।

ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏହିଭଳି ଦୀର୍ଘସ୍ଥାୟୀ ଅନୁଷ୍ଠାନ ଅଞ୍ଚଳର କଳା ଓ ସଂସ୍କୃତିକୁ ବଞ୍ଚାଇବାରେ ସହାୟକ ହୋଇଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପୃଷ୍ଠପୋଷକ ସଂଗ୍ରାମ ଦାସ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ରଞ୍ଜନ ଦାସ ସଙ୍ଗୀତ ଶିରୋମଣି ସମ୍ମାନ ମୁକ୍ତିଲତା ପାଲଙ୍କୁ ପ୍ରଦାନ କରାଯାଇଥିବାବେଳେ ସମାଜସେବା ପାଇଁ କାମିନୀକାନ୍ତ ମହାନ୍ତି ସମ୍ମାନ ଅପର୍ଣ୍ଣା କର, ଓଡ଼ିଶୀ ସଙ୍ଗୀତ ପାଇଁ କାର୍ତ୍ତିକ ଚନ୍ଦ୍ର ପତି ସମ୍ମାନ ଗୁରୁ ଉମେଶ ଚନ୍ଦ୍ର ଦାସ, ନୃତ୍ୟ ପାଇଁ ଉଷାମଣୀ ମହାନ୍ତି ସମ୍ମାନ ଗୁରୁ ରଞ୍ଜନ କୁମାର ସାହୁ, ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରତିଭା ସମ୍ମାନ ସ୍ୱସ୍ତିକ ଶାଶ୍ୱତ କରଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ହରେନ ଚନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଶିଶୁ ଚିତ୍ର କଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପରେ ବ୍ରହ୍ମନାଥ ରଥ ଓ ସୁଶ୍ରୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୁରୁ ଉର୍ମିଳା ସାହୁ, ଭୁବନମୋହନ ପ୍ରଧାନ, ନନ୍ଦକିଶୋର ଦାସ, ମନୋରଞ୍ଜନ ପଣ୍ଡା, ଭାସ୍କର ଖିଲାର, ପ୍ରଭାକର ଜେନା, ବ୍ରଜେଶପଦ ପଣ୍ଡା, ଅରୁଦିପ୍ତା ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ମାନେ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ।

# ଶହୀଦ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ

ଜଳେଶ୍ୱର,୯।୬(ନବୀନ ସାହୁ/ ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ଖୁଦିଆ ମାଝୀ ସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବର୍ସା ମୁଣ୍ଡା ଛକ ନିକଟରେ କ୍ରାନ୍ତିବୀର ଶହୀଦ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଯୁବନେତା ଚନ୍ଦନ କୁମାର ପାଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳେଶ୍ୱର ଭାଜପାର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଯୋଗଦାନ କରି ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ସର୍ବଦା ସହଯୋଗର ହାତ ବଢ଼େଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯୁବ ନେତା ବିପ୍ଳବ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ସତ୍ୟ ଶୋଭନ ମିଶ୍ର, କାଳିଚରଣ ଦାସ, ରାଜେନ୍ଦ୍ର ସିଂ, ସନ୍ତୋଷ ସାହୁ, ରାସବିହାରୀ ରଣା, ରହିମ ରଞ୍ଜନ ଦେ, ଶିଶିର ପ୍ରଧାନ, ଲକ୍ଷ୍ମୀ ସିଂ, ଗଣେଶ ସିଂ, ରବି ହାଁସଦା, ଦିଲ୍ଲୀପ ଧାଉଡ଼ିଆ, ସଞ୍ଜୟ ଘୋଷ ପ୍ରମୁଖ ଶତାଧିକ ଲୋକ ଯୋଗଦାନ କରିଥିଲେ।


ଶ୍ରାଦ୍ଧ ବାର୍ଷିକୀରେ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# 'ସଂଗ୍ରାମୀଙ୍କ ବଳିଦାନ ମନେ ପକାଇବା ଆବଶ୍ୟକ'

ଭାନୁ ପଦ୍ମାବତୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

କାଳିପଦା,୯।୬(ରାଜଶ୍ରୀ ପାଣିଗ୍ରାହୀ)- ଦେଶ ପାଇଁ ଯେଉଁ ସଂଗ୍ରାମୀ ମାନେ ବଳିଦାନ ଓ ତ୍ୟାଗ ବରଣ କରିଛନ୍ତି ସେମାନଙ୍କୁ ମନେ ପକାଇବା ଦେଶବାସୀଙ୍କର ନୈତିକ କର୍ତ୍ତବ୍ୟ। ବାଲିଆପାଳ ବ୍ଲକ ନାରାୟଣପୁର ସଂଗ୍ରାମୀ ସଦନଠାରେ ସ୍ୱାଧୀନତା ସଂଗ୍ରାମୀ ଭାନୁ ପଦ୍ମାବତୀ ସ୍ମୃତି ସାହିତ୍ୟ ସଂସଦ ଓ ପାଠାଗାରର ୪୦ ତମ ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅପରାହ୍ନ ସମ୍ପାଦକ ବଂଶୀଧର ଜେନା, ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସ, ଶିଶୁ ସାହିତ୍ୟିକ କାଳିକିଙ୍କର ଦାଶ, ଫକୀର ମୋହନ ସାହିତ୍ୟ ପରିଷଦର ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ, ସମୟର ଚକ୍ର ସମ୍ପାଦକ ସର୍ବେଶ୍ୱର ଜେନା, ପୂର୍ବତନ ଡିଆଇ ସୁବାସ ଚନ୍ଦ୍ର ଚୌଧୁରୀ, ବେତଗଡ଼ିଆ ସରପଞ୍ଚ ସନ୍ତୋଷ କୁମାର ଗିରି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଷ୍ଠାତା ଦିବାକର ବେହେରା ବିବରଣୀ ପାଠ କରିଥିଲେ। ସାମ୍ବାଦିକ ସନ୍ନ୍ୟାସୀ ବେହେରା ବେଦ ପାଠ କରିଥିଲେ। ବିଶେଷ ଅବଦାନ ପାଇଁ ମମତା ହାଜରା, ଶ୍ୱେତାପଦ୍ମା ଦାସ, ସୁବାସ ଚନ୍ଦ୍ର ଚୌଧୁରୀ, ଡ. ସୁକାନ୍ତ କୁମାର ଗିରି, ଦିବାକର ବେହେରା, ନଳିନୀକାନ୍ତ ପାଢ଼ୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ରଜନାଥ ରଥଙ୍କ ଶ୍ରାଦ୍ଧ ବାର୍ଷିକୀ

ବାଲେଶ୍ୱର,୯।୬(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଶାନ୍ତିକାନନଠାରେ ଥିବା ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବ୍ରଜନାଥ ରଥଙ୍କ ଦଶମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ପରିଷଦର ଉପ-ସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା କବି କଳକିଙ୍କର ଦାସ, କମଳାକାନ୍ତ ଦାସ, ଡ. ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଯୋଗଦେଇ ବ୍ରଜନାଥ ରଥଙ୍କର ଜୀବନାଦର୍ଶ ଓ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସହ-ସମ୍ପାଦିକା କଲ୍ୟାଣୀ ନନ୍ଦ ମଞ୍ଚ ଆହ୍ୱାନ ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ଦୀପକ ବୋଷ, ବ୍ରଜନାଥ ରଥଙ୍କ ସାନ ପୁଅ ବ୍ରହ୍ମନାଥ ରଥ ପ୍ରାରମ୍ଭରେ ବାପାଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସେଠାରେ ବାହୁ ସାହିତ୍ୟିକ, ସହିତ୍ୟାନାନୁରାଗୀ ଉପସ୍ଥିତ ଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ସିମୁଳିଆ,୯।୬(ସନ୍ତୋଷ ନାୟକ): ବାଲେଶ୍ୱର ଜିଲା ସିମୁଳିଆ ଥାନା ଶ୍ୟାମସୁନ୍ଦରପୁର ଅଞ୍ଚଳର ସୁକାନ୍ତି ନାୟକ(୫୯) ନାମକ ଜଣେ ମହିଳାଙ୍କର ରବିବାର ସନ୍ଧ୍ୟା ୬ଟା ୩୦ରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଗତ ନିର୍ବାଚନକୁ କେନ୍ଦ୍ରକରି ଅଞ୍ଚଳର କେତେଜଣ ବ୍ୟକ୍ତି ସୁକାନ୍ତିଙ୍କୁ ହତ୍ୟା କରିଥିବା ତାଙ୍କ ସ୍ୱାମୀ ଦାମୋଦର ଥାନାରେ ଅଭିଯୋଗ କରିଛନ୍ତି। ନିର୍ବାଚନ ପ୍ରଚାର ପାଇଁ ଶ୍ୟାମସୁନ୍ଦରପୁର ଅଞ୍ଚଳରେ ଥିବା ନିଜର ଏକ ଘରକୁ ଦାମୋଦର ଭାଜପାକୁ ଭଡ଼ା ସୂତ୍ରରେ ଦେଇଥିଲେ। ଏଥିନେଇ ବିଜେଡି କର୍ମୀ ଓ ସମର୍ଥକମାନେ ସୁକାନ୍ତିଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷେ, ଗତ ଶନିବାର ଦାମୋଦର ନିଜ ଅଞ୍ଚଳର ଜଣେ ବୟସ୍କା ମହିଳାଙ୍କ ନିକଟକୁ ଲେଖିଥିବା ଏକ ଚିଠିକୁ କେନ୍ଦ୍ରକରି ସ୍ଥାନୀୟ ଲୋକ ଓ ଦାମୋଦରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଘଟଣା ସମ୍ପର୍କରେ ପଚରାଉଚରା ପାଇଁ ରବିବାର ସନ୍ଧ୍ୟାରେ କେତେକ ମହିଳା ଓ ଗ୍ରାମବାସୀ ତାଙ୍କ ଘରେ ପହଞ୍ଚି ପାଟିତୁଣ୍ଡ କରିବା ପରେ ସୁକାନ୍ତିଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା କୁହାଯାଉଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ୧୧ରେ ଆଖଣ୍ଡଳେଶ୍ୱରଙ୍କ ବିବାହ

ଖଇରା,୯।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରାସ୍ଥିତ ବାବା ଆଖଣ୍ଡଳେଶ୍ୱରଙ୍କ ବିବାହ ପାଇଁ କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୧ ତାରିଖରେ ଅନୁଷ୍ଠିତ ବିବାହ କାର୍ଯ୍ୟକ୍ରମ ପାଇଁ ଗୁଆ ମଙ୍ଗଳନ ପରେ ଏବେ ଗୁଆବନ୍ଧା ଓ ନିମନ୍ତ୍ରଣ ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଜୋରସୋରରେ କରାଯାଉଛି। ଶୁକ୍ରବାର ଅନୁଷ୍ଠିତ ଶେଷ ପ୍ରସ୍ତୁତି ବୈଠକରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ପୌରହିତ୍ୟ କରିଥିଲେ। ଏଥିରେ ଆଣ୍ଡଳେଶ୍ୱରଙ୍କ ବିବାହ କାର୍ଯ୍ୟ କିଭଳି ସୁରୁଖୁରୁରେ ହୋଇ ପାରିବ ସେଥିପାଇଁ କମିଟି ସଭ୍ୟଙ୍କ ମଧ୍ୟରେ ବ୍ୟାପକ ଆଲୋଚନା କରାଯାଇଥିଲା। ଆଲୋଚନା ଅନୁଯାୟୀ ସକାଳେ ଅଭିଷେକ ପରେ ସନ୍ଧ୍ୟାରେ ଆଳଦାସ୍ଥିତ ନନ୍ଦ କୁମାର ପାଣିଙ୍କ ଘରୁ ବରକନ୍ୟାଙ୍କୁ ବାଜାରୋଷଣି ସହ ଶୋଭାଯାତ୍ରାରେ ମନ୍ଦିର ସମ୍ମୁଖ ବିବାହ ମଣ୍ଡପକୁ ଅଣାଯିବାକୁ ସ୍ଥିର କରାଯାଇଥିଲା। ପ୍ରସ୍ତୁତି ବୈଠକରେ ପ୍ରଶାନ୍ତ କୁମାର ବେହେରା, ମଳୟ କୁମାର ମହାନ୍ତି, ଯୋଗେଶ ଶତପଥୀ, ମିହିର କୁମାର ନାୟକ, ତ୍ରୈଲୋକ୍ୟ ଲେଙ୍କା, ପୀତାମ୍ବର ନାୟକ, ବିକ୍ରମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ମହିଳାଙ୍କ ଦ୍ୱାରା ଗୁଆମଙ୍ଗୁଳା ଯାଉଛି।

# ନିର୍ବାଚନ ପରେ ସମୀକ୍ଷା କଲା କଂଗ୍ରେସ

ବାଲେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ

ବାଲେଶ୍ୱର,୯।୬(ମାନସ ବିଶ୍ୱାଳ)

ସାଧାରଣ ନିର୍ବାଚନ ପରେ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ। ଜିଲା ସଭାପତି ସଞ୍ଜୀବ ଗିରି ଯୋଗଦେଇ ବାଲେଶ୍ୱର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ପରାଜିତ ହୋଇଥିଲେ ମଧ୍ୟ ଆମେ ଜିତିବାର ଉତ୍ସବ ବନାଇବା ଉଚିତ୍, କାରଣ ପ୍ରତିକୂଳ ପରିସ୍ଥିତିରେ ପୂର୍ବ ନିର୍ବାଚନରେ ୪,୬୦୦ ଭୋଟ୍ ପାଇଥିବା ବେଳେ ଚଳିତ ନିର୍ବାଚନରେ ୨୦,୦୦୦ ରୁ ଅଧିକ ଭୋଟ ପାଇବା ଦଳ ପାଇଁ ଶୁଭଙ୍କର। ଏଥିପାଇଁ ପ୍ରଥମେ ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କୁ ଧନ୍ୟବାଦ ଦେବା ସହ ସମସ୍ତ କଂଗ୍ରେସ କର୍ମୀ ଓ ବିଶେଷ ଭାବେ ପ୍ରାର୍ଥିନୀ ମୋନାଲିସା ସାମଲ ଏବଂ ତାଙ୍କ ସ୍ୱାମୀ ସରୋଜ ଲେଙ୍କା ଓ ଶ୍ୱଶୁର ପଦ୍ମଲୋଚନ ଲେଙ୍କାଙ୍କୁ ଧନ୍ୟବାଦ ଦେଇଥିଲେ। ସମସ୍ତ କଂଗ୍ରେସ କର୍ମୀ ଏକଜୁଟ୍ ହୋଇ ସଙ୍ଗଠନକୁ ସଂଗଠିତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ପଦ୍ମଲୋଚନ ଲେଙ୍କା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବୁଥ କମିଟି ଉପରେ ବିଶେଷ ଭାବେ ଗୁରୁତ୍ୱ ଦେବା ଉଚିତ୍ ଏବଂ ଥାନା, କଚେରି, ବ୍ଲକ ଓ ଡାକ୍ତରଖାନାରେ ଲୋକମାନଙ୍କର ସୁବିଧା ଅସୁବିଧାକୁ ଆମେ ସଂଗଠିତ ହୋଇ ସାହାଯ୍ୟ କରିବା ଉଚିତ୍। ପ୍ରାର୍ଥିନୀ ମୋନାଲିସା କର୍ମୀମାନଙ୍କୁ ଧନ୍ୟବାଦ ଦେବା ସହ ଶ୍ରୀକାନ୍ତ ଜେନାଙ୍କୁ ଧନ୍ୟବାଦ ଦେଇଥିଲେ। କେକେସି ରାଜ୍ୟ ଉପାଧକ୍ଷା ଜ୍ୟୋତ୍ସ୍ନା ସେନାପତି, ଉର୍ମିଳା ମାଝୀ ଯୋଗଦେଇ ସମସ୍ତେ ମିଶି କଂଗ୍ରେସକୁ ଆସନ୍ତା ନିର୍ବାଚନରେ ଜିତେଇବା ବୋଲି କହିଥିଲେ। ପରିଖୀ ଗ୍ରାମ ପଞ୍ଚାୟତର ପ୍ରଦ୍ୟୋତ ମହାପାତ୍ର ଏବେଠାରୁ ପୁରା ଦମ୍‌ରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଚାନ୍ଦିପୁର ପଞ୍ଚାୟତର ସେକ୍ ନସିମ ଏକତାର, ଦୁବୁଲାଗଡ଼ି ପଞ୍ଚାୟତର ମୁବାରକ ଅଲ୍ଲୀ ଖାଁ ଆଗାମୀ ଦିନରେ କଂଗ୍ରେସ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିଥିଲେ। ଆସନ୍ତା ଜୁନ ୧୬ରୁ ସମସ୍ତ ପଞ୍ଚାୟତର ସମୀକ୍ଷା ବୈଠକ କରାଯିବାର ନିଷ୍ପତ୍ତି ନିଆଗଲା ବୋଲି ବ୍ଲକ ସଭାପତି ବେହେରା ଘୋଷଣା କରିଥିଲେ। ବୈଠକରେ ଶ୍ରୀକାନ୍ତ ଭୋଗଡ଼ାଇ, ସନ୍ତୋଷ କୁମାର ଦାସ, ବିଦ୍ୟାଧର ମହାନ୍ତି, ଲୋକନାଥ ରାଉଳ, ଅନୀଲ ସାହୁ, ବିନତି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଜିଲା ଅଧ୍ୟକ୍ଷ ବିକାଶ କୁମାର ଦାସ ଧନ୍ୟବାଦ ଦେଇଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ।

